## ନୀଳାମ୍ବର ରଥଙ୍କ ଗୀତି-ଅଭିବ୍ୟକ୍ତି

# ତମେ ମତେ ଖାଲି ଛୁଇଁ ଦେଖ ଥରେ...

ତମେ ମତେ ଖାଲି ଛୁଇଁ ଦେଖ ଥରେ
ପାରୁଛ କି ନାହିଁ ବୁଝି
ଆମେ ଯାହାଥିଲେ ଆଗରୁ ଯେମିତି
ବଦଳି ଯାଇଛେ ଆଜି।

ଆମେ ଦୁହେଁ କିବା ଜାଣିଶୁଣି ସବୁ
ବଦଳେଇ ଦେଲେ କୁହ
ବଦଳାଉଥାଏ ଆଉ ଜଣେ କିଏ
ଆମେ କେହି କିଛି ନୁହଁ!
ତଥାପି କେମିତି ଯେତେ ବନ୍ଧ ବାଡ଼
ସବୁ ଗଲା ସିନା ଭାଜି-
ତମେ ମତେ ଖାଲି ଛୁଇଁ ଦେଖ ଥରେ
ପାରୁଚ କି ନାହିଁ ବୁଝି।

ଆଖିରେ ଆମର ଯୋଉ ରଙ୍ଗ ଏବେ
ସେଇ ରଙ୍ଗ ଥିଲା ଦିନେ
ଆଜିର ଚମକ ଥିଲା କି ଆଗରୁ
ପକାଅ ତ ଥରେ ମନେ!
ଆଇନାରେ ସିନା ଧରାଦିଏ ଦେହ
ମନ ତ ଯାଇଛି ହଜି-
ତମେ ମତେ ଖାଲି ଛୁଇଁ ଦେଖ ଥରେ
ପାରୁଚ କି ନାଇଁ ବୁଝି।

ପ୍ରଥମରୁ ଥିଲେ ବନ୍ଧୁ ପରି ସିନା
ଏବେ ତା'ଠାରୁ ଅଧିକ
ଆଗରୁ ଥିଲେ ଯା' ଆମେ ଦୁହେଁ ଦୁଇ
ଏବେ ହୋଇଗଲେ ଏକ।
ବଦଳିବା ହେଲା ଦୁନିଆର ରୀତି
କୁହ ରାଜି କି ଅରାଜି?
ତମେ ମତେ ଥରେ ଛୁଇଁ ଦେଖ ଖାଲି
ପାରୁଚ କି ନାଇଁ ବୁଝି।

Email: rath.nilambar@gmail.com, Web: www.nilambarrath.com